# ପ୍ରମୁଖ ସଙ୍କଳ୍ପ

କଂଗ୍ରେସ ଘୋଷଣା-ପତ୍ର
ଲୋକସଭା ନିର୍ବାଚନ
2019

## 1 ଦାରିଦ୍ର୍ୟ ଦୂର କରିବା ପାଇଁ ନ୍ୟୁନତମ ଆୟ ଗ୍ୟାରେଣ୍ଟି ବା ନ୍ୟୁନତମ ଆୟ ଯୋଜନା (ନ୍ୟାୟ)

ସମସ୍ତ ଭାରତୀୟଙ୍କୁ ସମ୍ମାନ ଜନକ ଜୀବନ ସୁନିଶ୍ଚିତ କରିବା ପାଇଁ କଂଗ୍ରେସ ନ୍ୟୁନତମ ଆୟ ଯୋଜନା (ନ୍ୟାୟ) ଆରମ୍ଭ କରିବ ଯାହା ମାଧ୍ୟମରେ ଭାରତର ସବୁଠାରୁ ଗରିବ 20% ପରିବାରଙ୍କୁ ପ୍ରତ୍ୟେକ ବର୍ଷ 72,000 ଟଙ୍କା ଦିଆଯିବ । ଯେତେଦୂର ସମ୍ଭବ ଏହି ଟଙ୍କା ପରିବାରର ମହିଳାଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ ।

## 2 ରୋଜଗାର କ୍ରାନ୍ତି

ଭାରତର ଯୁବକ ଯୁବତୀ ମାନଙ୍କ ପାଇଁ କଂଗ୍ରେସ ସାର୍ବଜନିକ ଏବଂ ଘରୋଇ ଉଭୟ କ୍ଷେତ୍ରରେ ଚାକିରି ଗୁଡିକୁ ନିଜର ସର୍ବ ପ୍ରାଥମିକତା ଭାବେ ଉପସ୍ଥାପନ କରିବାର ପ୍ରତିଶ୍ରୁତି ଦେଉଛି । ଆମେ ସାର୍ବଜିନିକ କ୍ଷେତ୍ରରେ 34 ଲକ୍ଷ ଚାକିରି ଦେବା ସୁନିଶ୍ଚିତ କରିବୁ;

**i.** ମାର୍ଚ୍ଚ 2020 ପୂର୍ବରୁ କେନ୍ଦ୍ର ସରକାରଙ୍କ ସମସ୍ତ 4 ଖାଲି ପଦବୀ ଗୁଡିକୁ ପୁରଣ କରାଯିବ ।
**ii.** ରାଜ୍ୟ ସରକାରମାନଙ୍କୁ ଖାଲି ପଡିଥିବା 20 ଲକ୍ଷ ପଦବୀ ଗୁଡିକୁ ପୁରଣ କରିବା ପାଇଁ ରାଜି କରାଯିବ ।
**iii.** ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ନଗରପାଳିକାଗୁଡିକରେ ଆନୁମାନିକ 10 ଲକ୍ଷ ନୂଆ ସେବା ମିତ୍ର ପଦ ସୃଷ୍ଟି କରାଯିବ ।

ଆମେ ଘରୋଇ ଉଦ୍ୟୋଗଗୁଡ଼ିକର ଚାକିରିରେ ଖାଲି ପଡିଥିବା ସ୍ଥାନରେ ତ୍ୱରିତ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବୁ;

**i.** ରୋଜଗାର ସୁଯୋଗ ଏବଂ ଅଧିକରୁ ଅଧିକ ମହିଳା ମାନଙ୍କୁ ଚାକିରୀ ଦେଇ ପାରୁଥିବା କାରବାର ଗୁଡିକୁ ପ୍ରୋତ୍ସାହନ ଦିଆଯିବ
**ii.** 100ରୁ ଅଧିକ କର୍ମଚାରୀ ରହୁଥିବା ବ୍ୟବସାୟ ଗୁଡିକରେ ଶିକ୍ଷାନବିସ କାର୍ଯ୍ୟକ୍ରମ ଲାଗୁ କରାଇବା ପାଇଁ ଗୁରୁତ୍ୱ ଦିଆଯିବ ।

## 3 କୃଷକ ଏବଂ କ୍ଷେତ କାମ କରୁଥିବା ଶ୍ରମିକ;

କୃଷକ ମାନଙ୍କ ପାଇଁ କଂଗ୍ରେସ 'ଋଣ ଛାଡ଼'ରୁ' ଋଣ ମୁକ୍ତି'ର ରାସ୍ତା ପ୍ରସ୍ତୁତ କରିବାର ପ୍ରତିଶ୍ରୁତି ଦେଉଛି । ଆମେ ଏହି କାମ କୃଷକଙ୍କୁ ଲାଭଦାୟକ ଦାମ, କମ ଖର୍ଚ୍ଚ ଏବଂ ସଂସ୍ଥାଗତ ଋଣ ପର୍ଯ୍ୟନ୍ତ ସୁନିଶ୍ଚିତ ପହଞ୍ଚ ମାଧ୍ୟମରେ ପୁରା କରିବୁ । ଆମେ ପ୍ରତ୍ୟେକ ବର୍ଷ ଅଲଗା ଭାବରେ 'କୃଷି ବଜେଟ' ଉପସ୍ଥାପନ କରିବୁ, ଆମେ କୃଷି ବିକାଶ ଏବଂ ଯୋଜନା ଉପରେ ଏକ ସ୍ଥାୟୀ ରାଷ୍ଟ୍ରୀୟ ଆୟୋଗ ର ସ୍ଥାପନ କରିବୁ ।

## 4 ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା

କଂଗ୍ରେସ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ର ଅଧିକାର ଆଇନ ଲାଗୁ କରାଇବାର ପ୍ରତିଶ୍ରୁତି ଦେଉଛି ଏବଂ ସରକାରୀ ଡାକ୍ତରଖାନା ଗୁଡିକରେ ନେଟୱାର୍କ ଗୁଡିକ ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ବହୁବିଧ ଚିକିତ୍ସା ବ୍ୟବସ୍ଥା, ମାଗଣା ଔଷଧ ଏବଂ ଡାକ୍ତର ଖାନାରେ ଭର୍ତ୍ତି ର ଗ୍ୟାରେଣ୍ଟି ମିଳିବ । ଆମେ 2023 - 24 ବର୍ଷ ସୁଦ୍ଧା ସ୍ୱାସ୍ଥ୍ୟ ସେବା ଉପରେ ଖର୍ଚ୍ଚକୁ ଦୁଇଗୁଣ କରି ଜିଡିପି କୁ 3 ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବୁ ।

## 5 ଜିଏସଟି 2.0

କଂଗ୍ରେସ ଗୋଟିଏ ଟ୍ୟାକ୍ସ ଦର, ଆମଦାନୀର ଶୂନ ରେଟିଂ ଏବଂ ଆବଶ୍ୟକ ବସ୍ତୁ ଏବଂ ସେବା ଗୁଡିକୁ ରିହାତି ସହିତ ଜିଏସଟିକୁ ସଠିକ୍, ସରଳ ଏବଂ ସହଜ କରାଇବ । ଆମେ ପଞ୍ଚାୟତ ଏବଂ ନଗରପାଳିକା କୁ ମଧ ଜିଏସଟି ରାଜସ୍ୱ ର ଏକ ଅଂଶ ଦେବାର ପ୍ରତିଶ୍ରୁତି ଦେଉଛୁ ।

## 6 ସଶସ୍ତ୍ର ବାହିନୀ ଏବଂ ଅର୍ଦ୍ଧସାମରିକ ବାହିନୀ

ଏନଡିଏ ରାଜୁତିରେ ରକ୍ଷା ଖର୍ଚ୍ଚ ରେ ଆସିଥିବା ହ୍ରାସ ର ପ୍ରବୃତ୍ତିକୁ କଂଗ୍ରେସ ବଦଳାଇବ ଏବଂ ସଶସ୍ତ୍ର ବାହିନୀର ସମସ୍ତ ଆବଶ୍ୟକତା କୁ ପୁରଣ କରିବା ପାଇଁ ଏଥିରେ ବୃଦ୍ଧି କରିବ । ଆମେ ସଶସ୍ତ୍ର ବାହିନୀର ତ୍ୱରିତ ଆଧୁନିକୀକରଣରେ ସ୍ୱଚ୍ଛତା ଅବଲମ୍ବନ କରିବୁ । ଆମେ ଆମର ଅର୍ଦ୍ଧସାମରିକ ବାହିନୀ ଏବଂ ସେମାନଙ୍କର ପରିବାର ପାଇଁ ସାମାଜିକ ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସୁବିଧାରେ ବ୍ୟାପକ ସୁଧାର ଆଣିବୁ ।

## 7 ପ୍ରତ୍ୟେକ ପିଲାକୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଶିକ୍ଷା

କଂଗ୍ରେସ ପ୍ରତିଶୃତି ଦେଉଛି ଯେ ସରକାରୀ ସ୍କୁଲ ଗୁଡିକରେ ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପ୍ରଯ୍ୟନ୍ତ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ହେବ । ଆମେ ଶିକ୍ଷଣ ଫଳାଫଳ ଉପରେ ଅଧିକ ଧ୍ୟାନ କେଂଦ୍ରିତ କରିବୁ । ସ୍କୁଲ ଗୁଡିକରେ ଯଥେଷ୍ଟ ମୌଳିକ ଢାଞ୍ଚା ଏବଂ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ରହିବେ । ଏଇଥି ପାଇଁ ଆମେ ବର୍ଷ 2023–24 ପର୍ଯ୍ୟନ୍ତ ଶିକ୍ଷାର ବଜେଟ ଆବଣ୍ଟନ କୁ ଦୁଇ ଗୁଣ କରି ଜିଡିପି ର 6 ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇ ଦେବୁ ।

## 8 ଲୈଙ୍ଗିକ ନ୍ୟାୟ:

କଂଗ୍ରେସ ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡିକରେ ମହିଳାମାନଙ୍କ ପାଇଁ 33 ପ୍ରତିଶତ ଆସନ ଆରକ୍ଷିତ କରିବା ପାଇଁ 17 ତମ ଲୋକସଭା ର ପ୍ରଥମ ଅଧିବେଶନ ରେ ମହିଳା ଆରକ୍ଷଣ ବିଧେୟକ ପାସ କରାଇବାର ପ୍ରତିଶୃତି ଦେଉଛି । କଂଗ୍ରେସ ମହିଳା ମାନଙ୍କ ପାଇଁ କେନ୍ଦ୍ର ସରକାର ରେ ସମସ୍ତ ପଦବୀ/ଖାଲି ସ୍ଥାନ ଗୁଡିକରେ 33% ଆରକ୍ଷଣ ଦେବାର ପ୍ରତିଶ୍ରୁତି ଦେଉଛି

## 9 ଆଦିବାସୀ

ଆମେ ତଫସିଲ ଭୁକ୍ତ ଉପଜାତି ମାନଙ୍କ ପାଇଁ ବନ ଅଧିକାର ଅଧିନିୟମ 2006 ର ସଠିକ ଭାବରେ ଅର୍ଥ ଯୁକ୍ତ ଲାଗୁ କରାଇବୁ ଏବଂ ଏହି ଆଇନ ଅନୁଯାୟୀ ଗ୍ୟାରେଣ୍ଟି କରି ଦିଆଯାଇଥିବା ଅଧିକାର ଗୁଡିକୁ ସୁରକ୍ଷିତ କରିବୁ । କୌଣସି ବି ବନବାସୀ ବା ଆଦିବାସୀଙ୍କୁ ଅନ୍ୟାୟ ଭାବରେ ବାହାର ହେବାକୁ ଦେବୁ ନାହିଁ । ଆମେ ଅଣ- ଭବନ କାଠ (non-timber) ସହିତ, ଜଙ୍ଗଲଜାତ ଦ୍ରବ୍ୟ ପାଇଁ ଏକ ଜାତୀୟ ଆୟୋଗ ଗଠନ କରିବୁ । ଆଦିବାସୀ ମାନଙ୍କର ଜୀବିକା ଉପାର୍ଜନ ଏବଂ ଆମଦାନୀରେ ସୁଧାର ଆଣିବା ପାଇଁ ଅଣ ଭବନ କାଠ ସହିତ ଜଙ୍ଗଲଜାତ ଦ୍ରବ୍ୟ ଗୁଡିକ ପାଇଁ ନ୍ୟୁନତମ ସମର୍ଥନ ମୂଲ୍ୟ ପ୍ରଦାନ କରିବୁ ।

## 10 ବାସଭୂମିର ଅଧିକାର

ଆମେ ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରଙ୍କୁ, ଯାହାଙ୍କ ପାଖରେ ନିଜର ଘର ନାହିଁ ବା ନିଜର ଜମି ନାହିଁ, ଯାହା ଉପରେ ସେମାନେ ଘର କରି ପାରିବେ, ସେମାନଙ୍କୁ ଡିହ ବା ଭୂଖଣ୍ଡ ପ୍ରଦାନ କରିବା ପାଇଁ ବାସ ଭୂମିର ଅଧିକାର ଆଇନ ପାସ କରାଇବୁ ।

## 11 ଘୃଣ୍ୟ ଅପରାଧ ଗୁଡ଼ିକର ଅନ୍ତ

ବିଗତ 5 ବର୍ଷର ଏନଡିଏ ଶାସନ ସମୟରେ ଘୃଣ୍ୟ ଅପରାଧ ଏବଂ ଦୁର୍ବଳ ଶ୍ରେଣୀର ଲୋକଙ୍କ ବିରୁଦ୍ଧରେ ଅତ୍ୟାଚାର ରେ ବହୁଗୁଣ ବୃଦ୍ଧି ପାଇଛି । କଂଗ୍ରେସ ଦଣ୍ଡ ମୁକ୍ତିର ଭାବନା ର ଅନ୍ତ କରିବା, ଉତ୍ତେଜିତ ଭିଡ଼ର ହିଂସା ଏବଂ ହିଂସାତ୍ମକ ହତ୍ୟା ରୋକିବା ତଥା ଏସସି, ଏସଟି, ମହିଳା ଓ ସଂଖ୍ୟା ଲଘୁଙ୍କ ବିରୁଦ୍ଧରେ ଅତ୍ୟାଚାର ଏବଂ ଘୃଣ୍ୟ ଅପରାଧ କୁ ରୋକିବାର ପ୍ରତିଶୃତି ଦେଉଛି । କଂଗ୍ରେସ ଦଙ୍ଗା, ଉତ୍ତେଜିତ ଭିଡ଼ର ହିଂସା ଏବଂ ଘୃଣ୍ୟ ଅପରାଧ ଗୁଡିକ ମାମଲାରେ ଅବହେଳା ପ୍ରମାଣିତ ହେଲେ ପୋଲିସ ଏବଂ ଜିଲ୍ଲା ପ୍ରଶାସନକୁ ଉତ୍ତରଦାୟୀ ଧାର୍ଯ୍ୟ କରିବ ।

## 12 ସ୍ୱତନ୍ତ୍ରତାର ଉତ୍ସବ

କଂଗ୍ରେସ, ଭାରତର ସମ୍ବିଧାନ ର ଅନ୍ତର୍ନିହିତ ମୂଲ୍ୟ ଗୁଡିକୁ ବଜାୟ ରଖିବା ପାଇଁ ଏବଂ ଏହା ଯୋଗୁଁ ମିଳିଥିବା ସ୍ୱାଧୀନତା, ଯେଉଁଥିରେ ଅସହମତି ର ସ୍ୱାଧୀନତା ମଧ ଅନ୍ତର୍ଭୁକ୍ତ ସେଗୁଡିକର ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଉଛି । କଂଗ୍ରେସ ଏକାନ୍ତତା ଉପରେ ମଧ ଏକ ଆଇନ ପ୍ରଣୟନ କରାଇବ; ଆଧାରର ଉପଯୋଗକୁ ଆଧାର ଅଧିନିୟମ ମୂଳ ଉଦେଶ୍ୟ ଗୁଡିକ ମଧ୍ୟରେ ସୀମିତ କରିବ; ପ୍ରତ୍ୟେକ ନାଗରିକ ବିଶେଷ କରି ଛାତ୍ର ଛାତ୍ରୀ, ପତ୍ରକାର, ଶିକ୍ଷାବିତ, କାଳାକାର ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ବେସରକାରୀ ସଂଗଠନ ମାନଙ୍କର ଅଧିକାର କୁ ରକ୍ଷା କରିବ । କଂଗ୍ରେସ ସମସ୍ତ କାନୁନ ଗୁଡ଼ିକର ସମୀକ୍ଷା କରିବ ଏବଂ  ପୁରୁଣା ଅନ୍ୟାୟ ପୂର୍ଣ୍ଣ ଅଥବା ଅନୁଚିତ ଢଙ୍ଗରେ ଲୋକ ମାନଙ୍କର ସ୍ୱତନ୍ତ୍ରତା ରେ ବାଧା ପହଞ୍ଚାଇଥିବା ଧାରାଗୁଡିକୁ ରଦ୍ଦ କରିବ ।

## 13 ଆମର ସଂସ୍ଥାନ ଗୁଡିକର ସୁରକ୍ଷା

କଂଗ୍ରେସ, ଆରବିଆଇ, ଇସିଆଇ, ସିଆଇସି, ସିବିଆଇ ଆଦି ଗୁରୁତ୍ୱପୂର୍ଣ୍ଣ ସଂଗଠନ ଗୁଡିକୁ ପୁନର୍ଜୀବିତ କରିବାର ପ୍ରତିଶୃତି ଦେଉଛି , ଯେଉଁ ଗୁଡିକୁ ବିଗତ 5 ବର୍ଷ ରେ ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ କରି ଦିଆଯାଇଛି । କଂଗ୍ରେସ ସେଗୁଡିକୁ ସଂସଦ ପ୍ରତି ଉତ୍ତରଦାୟୀ କରିବା ସହ ସେଗୁଡିକର ଗୌରବ, ଅଧିକାର ଏବଂ ସ୍ୱତନ୍ତ୍ରତାକୁ ପୁଣି ଥରେ ପୁନର୍ଜାଗରଣ କରିବ । ସ୍ୱତନ୍ତ୍ର ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରାଇବା ପାଇଁ ଆମେ ଏନଡିଏ ସରକାର ଦ୍ୱାରା ଆରମ୍ଭ କରାଯାଇ ଥିବା ଅପାରଦର୍ଶୀ ନିର୍ବାଚନୀ ଧାରାକୁ ଶେଷ କରିଦେବୁ ଏବଂ ଗୋଟିଏ ଜାତୀୟ ନିର୍ବାଚନୀ କୋଷର ସ୍ଥାପନା କରିବୁ , ଯାହା ମାଧ୍ୟମରେ ନିର୍ବାଚନ ସମୟରେ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳକୁ ଧନ ଆବଣ୍ଟନ କରାଯିବ ।

## 14 ନଗରୀୟ ଏବଂ ସହରୀ ଶାସନ

କଂଗ୍ରେସ ଆମର ସହର ଏବଂ ବସ୍ତି ଗୁଡିକ ସମ୍ବନ୍ଧୀୟ ପ୍ରସଙ୍ଗ ଯେଉଁଥିରେ ସହରୀ ପ୍ରଶାସନ, ଆଜିବିକା, ଆବାସ, ରହିବାଶୈଳୀ, ପ୍ରଦୂଷଣ ,ଜଳବାୟୁ ପରିବର୍ତ୍ତନ, ସହରୀ ପରିବହନ ଏବଂ ବିପଦ ପରିଚାଳନା ଅନ୍ତର୍ଭୁକ୍ତ । ସେଗୁଡିକର ସମାଧାନ କରିବା ପାଇଁ ସହରୀ କରଣ ସହିତ ସମ୍ପୃକ୍ତ ଏକ ବ୍ୟାପକ ନୀତି ଆଣିବାର ପ୍ରତିଶୃତି ଦେଉଛି । ସହରୀ ଗରିବ ମାନଙ୍କ ପାଇଁ ଆମେ ଆବାସର ଅଧିକାର ଏବଂ ମନମୁଖୀ ଢଙ୍ଗରେ ବେଦଖଲରୁ ସୁରକ୍ଷା ତଥା ବସ୍ତି ଉନ୍ନୟନ ଏବଂ ପରିବର୍ତ୍ତନ ଯୋଜନା ଆଣିବାର କଥା ଦେଉଛୁ। ଆମେ ପ୍ରତ୍ୟକ୍ଷ ଭାବେ ନିର୍ବାଚନ ମହାପୌର ମାନଙ୍କ ମାଧ୍ୟମରେ ବସ୍ତି ଏବଂ ସହର ଗୁଡିକ ପାଇଁ ଶାସନର ଏକ ନୂଆ ମଡେଲ ଉପସ୍ଥାପନ କରିବୁ । ଆମେ ସହର ଗୁଡିକୁ ଆର୍ଥିକ ବିକାଶର ଇଞ୍ଜିନ ଭାବରେ ବଦଳାଇ ଦେବୁ ।

## 15 ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ

କଂଗ୍ରେସ ଭାରତକୁ ଗ୍ଲୋବାଲ ୱାର୍ମିଙ୍ଗ ଏବଂ ପରିବେଶ ସଂରକ୍ଷଣ ବିରୁଦ୍ଧରେ ଚାଲିଥିବା ଲଢେଇରେ ସବୁଠାରୁ ଆଗରେ ରଖିବା ପାଇଁ ଏକ କାର୍ଯ୍ୟ ପଦ୍ଧତି ଓ ପନ୍ଥାର ପ୍ରତିଶୃତି ଦେଉଛି । ଆମେ ଏ କଥା ସ୍ୱୀକାର କରୁ ଯେ ବାୟୁ ପ୍ରଦୂଷଣ, ଜାତୀୟ ସ୍ତରରେ ସାର୍ବଜନୀନ ସ୍ୱାସ୍ଥ୍ୟ ଆପଦ କାଳ ପରି ଅଟେ, ଆମେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ କୁ ବହୁତ ସୁଦୃଢ଼ କରିବୁ । ଜଙ୍ଗଲ, ବନ୍ୟଜୀବ, ଜଳାଶୟ, ନଦୀ,ସ୍ୱଚ୍ଛ ବାୟୁ ଏବଂ ତଟୀୟ କ୍ଷେତ୍ରରେ ବହୁ ମୂଲ୍ୟ ପ୍ରାକୃତିକ ସଂସାଧନ ରହିଛି । ଯେଉଁ ଗୁଡିକ ଉପରେ ସମସ୍ତଙ୍କର ଅଧିକାର ରହିଛି ଏବଂ ଆମେ ସେଗୁଡିକୁ ରକ୍ଷା କରିବୁ ଆମେ ସ୍ୱତନ୍ତ୍ର , ସଶକ୍ତ ଏବଂ ପାରଦର୍ଶୀ ପରିବେଶ ସଂରକ୍ଷଣ ପ୍ରାଧିକରଣ ର ସ୍ଥାପନା କରିବୁ । ବନ ବିଭାଗର ଭୂମିକାକୁ ପୁଣି ଥରେ ପରିଭାସିତ କରିବୁ ଏବଂ ଜଙ୍ଗଲ କ୍ଷେତ୍ରକୁ ବଢ଼ାଇବୁ



## “ମୁଁ କରିଥିବା ପ୍ରତିଶ୍ରୁତି, ମୁଁ କେବେବି ଭାଙ୍ଗି ନାହିଁ”

——— ରାହୁଲ ଗାନ୍ଧୀ

# ଭାରତୀୟ ଜାତୀୟ କଂଗ୍ରେସ